ଭାରତୀୟ ପେଟ୍ରୋକେମିକାଲସ୍ କର୍ପୋରେସନ ଲିମିଟେଡ୍ ଏବଂ ଅନ୍ୟଜଣେ

ବନାମ

ଶ୍ରମିକ ସେନା ଏବଂ ଅନ୍ୟମାନେ

ଏପ୍ରିଲ 8,1999

[ଏସ. ପି. ଭରୁଚା, ଆର. ସି. ଲାହୋଟୀ ଏବଂ ଏନ. ସନ୍ତୋଷ ହେଗଡେ, ନ୍ୟାୟମୂର୍ତ୍ତିବୃନ୍ଦ]

*ସର୍ବୋଚ୍ଚ ନ୍ୟାୟାଳୟ — ପ୍ରଚଳନ ଏବଂ ପ୍ରକ୍ରିୟା ସମ୍ବନ୍ଧୀୟ ନିର୍ଦ୍ଦେଶ — ଅତିରିକ୍ତ ଶପଥପତ୍ର ଦାଖଲ — ଉକ୍ତ ଶପଥପତ୍ରରେ ଅତିରିକ୍ତ ତଥ୍ୟଗୁଡ଼ିକୁ ନଥିରେ ରଖାଯାଇଥିଲା — ଏହାର ଅନୁମତିଯୋଗ୍ୟତା- ନିର୍ଣ୍ଣୟ ହେଲା ଯେ, ଅଦାଲତଙ୍କ ସ୍ପଷ୍ଟ ଅନୁମତି ବିନା ଏପରି କୌଣସି ଶପଥପତ୍ର ଦାଖଲ କରାଯାଇ କିମ୍ବା ରେକର୍ଡରେ ଗ୍ରହଣ କରାଯାଇପାରିବ ନାହିଁ — ରେଜିଷ୍ଟ୍ରୀକୁ ନିର୍ଦ୍ଦେଶ ଦିଆଗଲା ଯେ, ଅଦାଲତଙ୍କ ଅନୁମତି ବିନା ବିଚାରାଧୀନ ଆପିଲ୍‌ଗୁଡ଼ିକରେ କୌଣସି ଶପଥପତ୍ର ରେକର୍ଡରେ ଗ୍ରହଣ କରାଯିବ ନାହିଁ ।*

ଦେୱାନୀ ଅପିଲୀୟ ଅଧିକାରିତା: ଦେୱାନୀ ଆବେଦନ ସଂଖ୍ୟା 1854 /1998

W. P. ସଂଖ୍ୟା 2206/97 ରେ ବମ୍ବେ ଉଚ୍ଚ ନ୍ୟାୟାଳୟଙ୍କର 29.8.1997 ତାରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପାଇଁ ଶ୍ରୀଯୁକ୍ତ ଟି. ଆର୍. ଅନ୍ଧାରୁଜିନା, ମେସର୍ସ ଏଚ୍. ଏସ୍. ପରିହାର, କେ. ଏସ୍. ପରିହାର, ଏସ୍. ବିର୍ଲା ଏବଂ ଏମ୍. ଏମ୍. ବର୍ମା ।

ଉତ୍ତରଦାତାମାନଙ୍କ ପାଇଁ ମେସର୍ସ ଜି. କେ. ବାନାର୍ଜୀ, ଆର୍. ଏସ୍. ରେମଣ୍ଡ, ଆର୍. ଏନ୍. କରଞ୍ଜାୱାଲା, ନନ୍ଦିନୀ ଗୋରେ, ସନ୍ଦୀପ ମିତ୍ତଲ, ମାଣିକ କରଞ୍ଜାୱାଲା, ଶ୍ରୀ କେ. କେ. ସିଂହଭି, ମେସର୍ସ ଏସ୍. ପାକାଲେ, ଏଫ୍. ରସିଦ ଏବଂ ଏ. କେ. ଗୁପ୍ତା।

ନ୍ୟାୟାଳୟଙ୍କର ଆଦେଶ ପ୍ରକାଶ କରାଗଲା — ନିୟୋଜକଙ୍କ ଦ୍ୱାରା ଦାଖଲ ହୋଇଥିବା ଦେୱାନୀ ଆବେଦନ ସଂଖ୍ୟା 1854/1998 ଏବଂ କର୍ମଚାରୀମାନଙ୍କ ଦ୍ୱାରା ଦାଖଲ ହୋଇଥିବା

ଦେୱାନୀ ଆବେଦନ ସଂଖ୍ୟା 1855 /1998, ଉଭୟ ଉଚ୍ଚ ନ୍ୟାୟାଳୟଙ୍କର ସମାନ ରାୟରୁ ଉତ୍ପନ୍ନ ହୋଇଛି ।

ସେଗୁଡିକର ଶୁଣାଣି ସମୟରେ, କର୍ମଚାରୀମାନଙ୍କ ପକ୍ଷରୁ ସମ୍ପ୍ରତି (22 ଫେବୃଆରୀ, 1999 ରେ) ଦାଖଲ କରାଯାଇଥିବା 19 ଫେବୃଆରୀ, 1999 ତାରିଖର ଏକ ଅତିରିକ୍ତ ଶପଥପତ୍ର ଉପରେ ଭରସା କରାଯାଇଥିଲା ।ଉକ୍ତ ଶପଥ ପତ୍ର ଉପରେ ନିଯୁକ୍ତିଦାତାଙ୍କ ତରଫରୁ କୌଣସି ଉତ୍ତର ନାହିଁ ।

ଅତିରିକ୍ତ ସତ୍ୟପାଠ ଶପଥ ପତ୍ର ଦାଖଲ କରିବାକୁ ଅନୁମତି ଦେଉଥିବା ନ୍ୟାୟାଳୟଙ୍କର କୌଣସି ଆଦେଶ ନାହିଁ । କର୍ମଚାରୀମାନଙ୍କ ପକ୍ଷରୁ ଉପସ୍ଥିତ ବିଜ୍ଞ ଅଭିଲେଖସ୍ଥ ଅଧିବକ୍ତା କହିଛନ୍ତି ଯେ, ପ୍ରଚଳିତ ପ୍ରଥା ଅନୁସାରେ ଏପରି ଶପଥପତ୍ରଗୁଡ଼ିକ ଦାଖଲ କରାଯାଏ ଏବଂ ରେଜିଷ୍ଟ୍ରୀ ସେଗୁଡ଼ିକୁ ଗ୍ରହଣ କରେ ।

ଉକ୍ତ ଶପଥ ପତ୍ର ହେଉଛି ଏକ ଶପଥ ପତ୍ର ଯେଉଁଥିରେ ଉଚ୍ଚ ନ୍ୟାୟାଳୟ ସମ୍ମୁଖରେ ରଖାଯାଇଥିବା ତଥ୍ୟ ସହିତ ଅତିରିକ୍ତ ତଥ୍ୟ ଦାବି କରାଯାଏ । ଏପରି କୌଣସି ଶପଥପତ୍ର ଅଦାଲତଙ୍କ ସ୍ପଷ୍ଟ ଅନୁମତି ବିନା, ଶପଥପତ୍ର ଦାଖଲ କରିବା ଏବଂ ଅତିରିକ୍ତ ତଥ୍ୟକୁ ରେକର୍ଡରେ ରଖିବା ପାଇଁ, ଦାଖଲ କରାଯାଇ କିମ୍ବା ରେକର୍ଡରେ ଗ୍ରହଣ କରାଯାଇପାରିବ ନାହିଁ ।ଏହାଦ୍ୱାରା ରେଜିଷ୍ଟ୍ରୀକୁ ନିର୍ଦ୍ଦେଶ ଦିଆଯାଉଛି ଯେ, ବିଚାରାଧୀନ ଆବେଦନଗୁଡ଼ିକରେ, ବିଶେଷକରି ଯଦି ସେଗୁଡ଼ିକରେ ତଥ୍ୟଗୁଡ଼ିକ ଉଲ୍ଲେଖ ଥାଏ, ତେବେ ଅଦାଲତଙ୍କ ଆଦେଶ ଦ୍ୱାରା ଦାଖଲ କରିବାକୁ ଅନୁମତି ନ ଦିଆଯାଇଥିଲେ, କୌଣସି ଶପଥପତ୍ରକୁ ରେକର୍ଡରେ ଗ୍ରହଣ କରାଯିବ ନାହିଁ ।ଏହି ଆଦେଶକୁ ଏପରି ସମସ୍ତ ମାମଲାରେ ପାଳନ କରାଯିବାକୁ ଥିବା ଏକ ପ୍ରଚଳନ ନିର୍ଦ୍ଦେଶ ଭାବେ ଗ୍ରହଣ କରାଯିବ ।

ଉକ୍ତ ଶପଥପତ୍ରର ଉତ୍ତର ଦାଖଲ କରିବା ପାଇଁ ନିଯୋଜକଙ୍କୁ ସୁଯୋଗ ଦେବାର୍ଥେ ମାମଲାଟିକୁ ଚାରି ସପ୍ତାହ ପାଇଁ ମୁଲତବି ରଖାଗଲା । ଆଂଶିକ ଶୁଣାଣି ସମ୍ପନ୍ନ ହୋଇଥିବା ମାମଲା ଭାବେ ଗ୍ରହଣ କରାଯିବ ।

ଟି. ଏନ୍. ଏ. *ଆବେଦନ ବିଚାରାଧୀନ ରହିଛି ।*

**<u>ଅସ୍ବୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

*<u>ଭାଷାନ୍ତର:</u>*
**ତପସ୍ୱିନୀ ବିଶ୍ୱାଳ, ଅନୁବାଦିକା,**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।**